**ସଂକ୍ଷେପରେ**

## ୨୨ କିଲୋ ଗଞ୍ଜେଇ ଜବତ, ଦୁଇ ଗିରଫ



ମୁନିଗୁଡ଼ା, ୧୪।୯(ଡି.ଏନ୍.ଏ.)- ରାୟଗଡା ଜିଲା ମୁନିଗୁଡା ପୋଲିସ ୨୨ କିଲୋ ୧୬୦ଗ୍ରାମ ଗଞ୍ଜେଇ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଝାଡଖଣ୍ଡ ରାଜ୍ୟ ଧନବାଦର ଚନ୍ଦନ କୁମାର ରାଏ ଓ ବିହାରର ରାମ ସାରବାର। ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ମୁନିଗୁଡା ଏସଡ଼ିପିଓ ଆକାଶ ଚନ୍ଦ୍ର ସାହୁ ଖବର ପାଇଥିଲେ। ତାଙ୍କ ନିର୍ଦ୍ଦେଶ କ୍ରମେ ଥାନାଧିକାରୀ ସୁଜାନୀ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଗତିଗୁଡା ଛକ ନିକଟରେ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ। ସେମାନଙ୍କୁ ଥାନାରେ ନେଇ ପଚରା ଉଚରା କରିବା ସହ ପାଖରେ ଥିବା ବ୍ୟାଗ୍ ଯାଞ୍ଚ କରାଯାଇଥିଲା। ସେଥିରେ ୨୨ କେଜି ଗଞ୍ଜେଇ ଥିଲା। ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କା ହେବ ସୂଚନା ମିଳିଛି। ପୋଲିସ ୧୨୧/୨୧ରେ ମାମଲା ରୁଜୁ କରି କୋର୍ଟକୁ ପଠାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ କହିଛନ୍ତି।

## ୧୯ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ରାୟଗଡା ଅଫିସ, ୧୪।୯- ରାୟଗଡା ସିଭିଲ କୋର୍ଟ ଏବଂ ରାୟଗଡା ଜିଲାର ତାଲୁକ ସ୍ତରରେ ଥିବା ସମସ୍ତ କୋର୍ଟରେ ଚଳିତ ବର୍ଷର ୩ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ରବିବାର ୧୯ ତାରିଖରେ ଅନୁଷ୍ଠିତ ହେବ। ଏହି ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ବିଚାରଧୀନ ମକଦ୍ଦମା, ଦେୱାନୀ, ଫୌଜଦାରୀ, ସାଲିସ ଯୋଗ୍ୟ, ବ୍ୟାଙ୍କ ଋଣ, ମଟର ଯାନ ଦୁର୍ଘଟଣା, ପାରିବାରିକ ବିବାଦର ସମାଧାନ କରାଯିବ ବୋଲି ସୂଚନା ମିଳିଛି। ଏହାସହ ଦାୟର ହୋଇଥିବା ପ୍ରାକ୍‌ସ୍ତରୀୟ ମାମଲା ମଧ ଆପୋଷ ବୁଝାମଣାରେ ସମାଧାନ ହୋଇ ପାରିବ। ଏଥିପାଇଁ କୌଣସି ଟଙ୍କା ଦେବାକୁ ପଡିବ ନାହିଁ। ଲୋକ ଅଦାଲତଙ୍କ ରାୟ ଚୂଡାନ୍ତ, ବୈଧ ଏବଂ ଅମଲଯୋଗ୍ୟ। ଦୀର୍ଘ ଦିନ ଧରି ଚାଲୁଥିବା ମକଦ୍ଦମାର ସହଜ ସମାଧାନ ଓ ଆର୍ଥିକ ସଦୁପଯୋଗ କରିବା ପାଇଁ ସାଧାରଣ ଲୋକଙ୍କୁ ଅନୁରୋଧ କରାଯାଇଛି। ସମ୍ପୂର୍ଣ୍ଣ ବିବରଣୀ ସମ୍ବନ୍ଧରେ ଅବଗତ ହେବା ପାଇଁ ଜିଲା ଆଇନ ସେବା ପ୍ରାଧୀକରଣ କାର୍ଯ୍ୟାଳୟରେ ଯୋଗାଯୋଗ କରିବା ସହିତ ରାଷ୍ଟ୍ରୀୟ ଲୋକ ଅଦାଲତର ସୁଯୋଗ ନେବାକୁ ପ୍ରାଧୀକରଣ ସଚିବ ମନୋରଞ୍ଜନ ମିଶ୍ର କହିଛନ୍ତି।

## ବିଦ୍ୟୁତ୍ ଆଘାତରେ ଜଣେ ମୃତ

ଅମ୍ବାଦଳା/ମୁନିଗୁଡା, ୧୪।୯(ଡି.ଏନ୍.ଏ.) ଘରେ କାମ କରିବାବେଳେ ବିଦ୍ୟୁତ୍ ଆଘାତରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ରାୟଗଡା ଜିଲା ମୁନିଗୁଡା ବ୍ଲକ ଅମ୍ବାଦଳା ଥାନା ଅଧୀନ ବଡ ନାଗଝରି ଗାଁର ସଦା ଡଙ୍ଗରୀ। ସୂଚନା ଅନୁଯାୟୀ ଘରେ ବଲ୍‌ବ ଜଳୁ ନ ଥିବାରୁ ସଦା ତାହାକୁ ମରାମତି କରୁଥିଲେ। ଏହି ସମୟରେ ତାଙ୍କୁ କରେଣ୍ଟ ଲାଗିଥିଲା। ସେ ଛିଟିକି ତଳେ ପଡିଯାଇଥିଲେ। ପରିବାର ଲୋକ ସଙ୍ଗେସଙ୍ଗେ ତାଙ୍କୁ ଅମ୍ବାଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସଦାଙ୍କୁ ମୁନିଗୁଡା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ବନ୍ଧୁକ ମୁନରେ ୫ ଜଣଙ୍କୁ ଉଠାଇ ନେଇଛି ପୋଲିସ

### ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ରାୟଗଡ଼ା ଅଫିସ,୧୪।୯-ରାୟଗଡ଼ା ଜିଲା ଅମ୍ବାଦଳା ଥାନା ପୋଲିସ ଡିମ୍ବିରିଗଡ଼ା ପଞ୍ଚାୟତ ଅନ୍ତର୍ଗତ ଟିକରପଡ଼ା ଗ୍ରାମର ୫ଜଣଙ୍କୁ ବନ୍ଧୁକ ଦେଖାଇ ସେପ୍ଟେମ୍ବର ୫ ରେ ଥାନାକୁ ନେଇଥିଲା। ସେମାନଙ୍କୁ ଏ ପର୍ଯ୍ୟନ୍ତ ଛାଡ଼ି ନ ଥିବାବେଳେ କେଉଁ କାରଣରୁ ଥାନାକୁ ନେଇଛନ୍ତି ସେ ନେଇ ମଧ ଜଣାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ସୋମବାର ଗ୍ରାମବାସୀ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ବଡ଼ବାବୁ ଆସିଛନ୍ତି କହି ଟିକରପଡ଼ା ଗ୍ରାମର ବାବୁଲାଲ ପାଲକିଆ, ବଟକାବାଙ୍ଗ ଗ୍ରାମର ଆଶାରାମ କୁଲଦିପିଆ ଓ ଚକାରାମ କୁଲଦିପିଆ, ଡୁମୁରିଗୁଡ଼ା ଗ୍ରାମର ରାକେଶ କରକରିଆ, ଜରପା ଗ୍ରାମର ଜୁରୁକା ମାଝିଙ୍କୁ ସ୍ଥାନୀୟ ପୋଲିସ ଉଠାଇ ନେଇଥିଲା। ତୁରନ୍ତ ଛଡ଼ାଯିବ ବୋଲି କହି ଥାନାକୁ ନେଇଥିଲେ ମଧ ୭ ଦିନ ହେଲା ସେମାନଙ୍କୁ ଛାଡୁନାହାନ୍ତି। ତେଣୁ ବାଧ ସେମାନେ ଏସ୍‌ପିଙ୍କ ନିକଟକୁ ଆସିଥିବା ଗ୍ରାମବାସୀ କହିଛନ୍ତି। ତେବେ ସେମାନଙ୍କ କେଉଁ କାରଣରୁ ପୋଲିସ ନେଇଛି ସେ ନେଇ ଏସ୍‌ପି ମଧ ସୂଚନା ଦେଇନାହାନ୍ତି। ଅନ୍ୟପକ୍ଷରେ ପରିବାର ଲୋକେ ଗିରଫର କାରଣ ସହ ନ୍ୟାୟ ଦାବି କରିଛନ୍ତି।

# ମଦ ଦୋକାନ ଖୋଲିଲେ ଆନ୍ଦୋଳନ ହେବ

ଟିକିରି,୧୪।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ଦୁଇଟି ଦେଶୀ ଓ ବିଦେଶୀମଦ ଦୋକାନ ଖୋଲିବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି। ଏହାକୁ କାଶୀପୁର ବ୍ଲକର ଲୋକ ପ୍ରତିନିଧି, ଏସ୍‌ଏଚ୍‌ଜି, ସମାଜିକ କର୍ମୀଙ୍କ ସହ ବିଭିନ୍ନ ସଙ୍ଗଠନ ଦୃଢ ବିରୋଧ କରିଛନ୍ତି। ପ୍ରଶାସନ ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର ନ କଲେ ଆନ୍ଦୋଳନ ହେବ ବୋଲି ସେମାନେ କହିଛନ୍ତି। ମଙ୍ଗଳବାର ଟିକିରିସ୍ଥିତ ଆଜାଦ କ୍ଲବଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବ୍ଲକ ଅଧକ୍ଷା ରୁଆଇ ମାଝି, ପୋଡାପାଡି, ନକଟିଗୁଡା, ଶଙ୍କରଡା, ବାଗାମ୍ବ ସରପଞ୍ଚ ଏବଂ ସମାଜିକ କର୍ମୀମାନେ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଲୋକ ପ୍ରତିନିଧି ଓ ଅନ୍ୟମାନେ।

ଉପସ୍ଥିତ ରହି ଏହି ସୂଚନା ଦେଇଛନ୍ତି।

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମଦ ଦୋକାନ ଖୋଲିବା ନେଇ ଗ୍ରାମସଭାର ସୁପାରିଶ ଆବଶ୍ୟକ ରହିଛି। କିନ୍ତୁ ଜିଲା ପ୍ରଶାସନ ଗ୍ରାମ ସଭାର ସାମ୍ବିଧାନିକ ବ୍ୟବସ୍ଥା ପ୍ରତି ଉପେକ୍ଷା କରି ନୂତନ ମଦ ଦୋକାନ ଖୋଲିବାକୁ ଅନୁମତି ଦେଇଛନ୍ତି ବୋଲି ଅଭିଯୋଗ କରାଯାଇଥିଲା। ଟିକିରି ଏବଂ ପୋଡାପାଡି ପଞ୍ଚାୟତରେ ମଦ ଦୋକାନ ଖୋଲିବା ନେଇ ପ୍ରଶାସନ ନିଷ୍ପତ୍ତିକୁ ଅଞ୍ଚଳବାସୀ ବିରୋଧ କରି ଗତ ଦିନରେ ଜିଲାପାଳ ସହିତ ଅବକାରୀ କମିଶନ, ଅନ୍ୟ ଅଧିକାରୀ, ମନ୍ତ୍ରୀଙ୍କ ନିକଟକୁ ପତ୍ର ଲେଖି ଅବଗତ କରାଇଥିଲେ। ସ୍ଥାନୀୟ ପୋଡାପାଡି ପଞ୍ଚାୟତର କଂସାରିଗୁଡାଠାରେ

**ପ୍ରଶାସନର ନିଷ୍ପତ୍ତିକୁ ଦୃଢ ବିରୋଧ**

ପ୍ରସ୍ତାବିତ ଆଲୁମିନିୟମ ପ୍ରକଳ୍ପ ସ୍ଥାପନ ଦାବି କରି ଅଞ୍ଚଳବାସୀ ଆନ୍ଦୋଳନ କରୁଥିବା ବେଳେ ଉକ୍ତ ପଞ୍ଚାୟତରେ ମଦ ଦୋକାନ ଖୋଲିବା ନିଷ୍ପତ୍ତି ଅଞ୍ଚଳବାସୀଙ୍କୁ ବ୍ୟଥିତ କରିଛି ବୋଲି ସାମାଜିକ କର୍ମୀ ବିଦ୍ୟାରତ୍ନ ଚୌଧୁରୀ କହିଛନ୍ତି। ପୋଡାପାଡି ସରପଞ୍ଚ ଆଲାଇ ମାଝି, ନକଟି ଗୁଡାର ହେମଲତା କାଡ୍ରକା, ଶଙ୍କରଡା ସରପଞ୍ଚ ଅମିନ ମାଝି, ବାଗାମ୍ବ ସରପଞ୍ଚ ସୁଭଦ୍ରା ମାଣ୍ଡାଙ୍ଗୀ, ସାମାଜିକ କର୍ମୀ ଉମାକାନ୍ତ ତୁରୁକ, ବିଦ୍ୟାରତ୍ନ ଚୌଧୁରୀ ଉପସ୍ଥିତ ଥିଲେ।

# ସର୍ବଭାରତୀୟ ସ୍ତରରେ ହିମାଂଶୁଙ୍କୁ ବ୍ରୋଞ୍ଜ

ନବରଙ୍ଗପୁର,୧୪।୯(ବି.ପ୍ର.)

ଜମ୍ମୁ-କଶ୍ମୀରର ଶ୍ରୀନଗରଠାରେ ସର୍ବଭାରତୀୟ ସମର ଷ୍ଟକ୍ ଚାମ୍ପିୟନଶିପ୍ ଶେଷ ହୋଇଯାଇଛି। ଏଥିରେ ନବରଙ୍ଗପୁରର ହିମାଂଶୁ ପଟ୍ଟନାୟକ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ଶ୍ରୀନଗରର ଶେର ଏ କଶ୍ମୀର ଇନ୍‌ଡୋର ଷ୍ଟାଡିୟମରେ ଏହି ଚାମ୍ପିୟନଶିପ ଅନୁଷ୍ଠିତ ହୋଇଛି। ଉକ୍ତ ପ୍ରତିଯୋଗିତାରେ ମୋଟ ୨୦ ରାଜ୍ୟ ଭାଗ ନେଇଥିଲେ। ସମର ଆଇସ ଷ୍ଟକ୍ ପ୍ରତିଯୋଗିତାରେ ନବରଙ୍ଗପୁରର ହିମାଂଶୁ ପଟ୍ଟନାୟକ ବିହାର ଦଳକୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଜମ୍ମୁ-କଶ୍ମୀର ଗଭର୍ଣ୍ଣର ହିମାଂଶୁଙ୍କୁ ଏହି ପଦକ ପ୍ରଦାନ କରିଛନ୍ତି। ଏହି ଖବର ପ୍ରଚାର ହେବାପରେ ଜିଲାର କ୍ରୀଡ଼ାବିତ ମହଲରେ ଖୁସିର ଲହରି ଖେଳିଯାଇଛି। କ୍ରୀଡ଼ା ସଂଘ ସମ୍ପାଦକ ପ୍ରହ୍ଲାଦ ତ୍ରିପାଠୀ, ଉପସଭାପତି ଏମ୍. ବାଳାକୃଷ୍ଣା ରାଓ, ସହ ସମ୍ପାଦକ ତଥା ପେନ୍‌କୋଟ ସିଲାଟ ସଂଘ ଉପଦେଷ୍ଟା ମନୋଜ କୁମାର



ହିମାଂଶୁ ପଟ୍ଟନାୟକ।

- ସମର ଷ୍ଟକ୍ ଚାମ୍ପିୟନଶିପ୍‌ରେ ସଫଳତା
- ବିହାରର ପ୍ରତିଯୋଗୀଙ୍କୁ ହରାଇ ପଦକ ହାସଲ କଲେ

ପଟ୍ଟନାୟକ ପ୍ରମୁଖ ହିମାଂଶୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କୋଚ ହରିଶ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଙ୍କୁ ଏହି ସଫଳତା ମିଳିଥିବା ହିମାଂଶୁ କହିଛନ୍ତି।

# 'ଭୂମିହୀନଙ୍କୁ ଜମିପଟ୍ଟା ଦିଅ'

ରାୟଗଡା ଅଫିସ, ୧୪।୯

ଯୁବ ବିକାଶ ପରିଷଦ ବିଭିନ୍ନ ଦାବି ନେଇ ତହସିଲ କାର୍ଯ୍ୟାଳୟ ଘେରାଉ କରିଛି। ଏଥିରେ ଯୁବ ବିକାଶ ପରିଷଦ ସଭାପତି ଶିବାଜୀ ଦାସ, ସମ୍ପାଦକ କୃଷ୍ଣ ପ୍ରସାଦ ମିଶ୍ର, ଶିବ ପ୍ରସାଦ ପାଢି, ଗୋପୀନାଥ ଗୌଡ଼, ପ୍ରଶାନ୍ତ କୁମାର ଦଳେଇ, ବ୍ରଜରାଜ ପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ପରିଷଦ ସଭ୍ୟଙ୍କ ସହ ତହସିଲଦାର ଉମାଶଙ୍କର ବେହେରା ଆଲୋଚନା କରିଥିଲେ। ରାୟଗଡ଼ା ସହରରେ ଲୋକଙ୍କୁ ଜମି ପଟ୍ଟା ପ୍ରଦାନ, ଜମି ପଟ୍ଟା ପ୍ରଦାନ କରି ରାଜସ୍ୱ ବିଭାଗ ଦ୍ୱାରା ପୁଣି ଫେରସ୍ତ ଆଣିଥିବା, ଜମି ପଟ୍ଟାରେ ଲେଖାଥିବା ହସ୍ତାନ୍ତର ଯୋଗ୍ୟ ନୁହଁ ଭଳି ଆଇନ୍‌କୁ ସଂଶୋଧନ କରିବା, ସହରର ଭୂମିହୀନଙ୍କୁ ଜମି ପଟ୍ଟା ପ୍ରଦାନ କରିବାକୁ ଯୁବ ବିକାଶ ପରିଷଦ ଦାବି କରିଛି। ଉକ୍ତ ଦାବିଗୁଡିକ ୨ ମାସ ମଧ୍ୟରେ ପୂରଣ କରାଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଛନ୍ତି। ଏହା ପରେ ଯୁବ ବିକାଶ ପରିଷଦ ଆନ୍ଦୋଳନରୁ ଓହରି ଥିଲେ।



ଯୁବ ବିକାଶ ପରିଷଦ ସଦସ୍ୟଙ୍କ ସହ ତହସିଲଦାର ଆଲୋଚନା କରୁଛନ୍ତି।

- ତହସିଲ ଅଫିସ ଘେରିଲା ଯୁବ ବିକାଶ ପରିଷଦ
- ସମାଧାନର ପ୍ରତିଶ୍ରୁତି ପରେ ହଟିଲା ଆନ୍ଦୋଳନ

## ଆଜି ଗୁଣପୁର ନଦୀ ଶଯ୍ୟା ବାଲୁକା ଖଣି-୧ ଜନ ଶୁଣାଣି

ଗୁଣପୁର,୧୪।୯(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁର ବଂଶଧାରା ନଦୀ ଶଯ୍ୟା ବାଲୁକା ଖଣି-୧ ପାଇଁ ବୁଧବାର ପରିବେଶ ସମ୍ବନ୍ଧୀୟ ଜନ ଶୁଣାଣୀ କରାଯିବ। ଏହି ଜନ ଶୁଣାଣୀ ଟାଉନ ହଲ୍‌ରେ ଅନୁଷ୍ଠିତ ହେବ। ଏଥିପାଇଁ ମଙ୍ଗଳବାର ଡାକବାଜି ଯନ୍ତ୍ର ମାଧ୍ୟମରେ ସହରରେ ପ୍ରଚାର କରାଯାଇଛି। ରାୟଗଡା ଆଞ୍ଚଳିକ କାର୍ଯ୍ୟାଳୟ ପ୍ରଦୁଷଣ ବୋର୍ଡ ପକ୍ଷରୁ ଏହି ପ୍ରଚାର କରାଯାଇଛି। ଗତ ୮ ତାରିଖରେ ପ୍ରଥମ ପର୍ଯ୍ୟାୟରେ ଗୁଣପୁର ନଦୀ ଶଯ୍ୟା ବାଲୁକା ଖଣି-୨ ପାଇଁ ଜନ ଶୁଣାଣୀ କରାଯାଇଥିଲା। ବୁଧବାର ନଦୀ ଶର୍ଯ୍ୟା ବାଲୁକା ଖଣି-୧ ପାଇଁ ପରିବେଶ ସମ୍ବନ୍ଧୀୟ ଜନ ଶୁଣାଣୀ ନେଇ ବୋଲି ଦିନ ଧାର୍ଯ୍ୟ କରାଯାଇଛି।

# ପଦ ଛାଡ଼ିବାକୁ ବିଡିଓଙ୍କୁ ଅନୁମତି ମାଗିଲେ ସମିତି ସଭ୍ୟ

ନବରଙ୍ଗପୁର,୧୪।୯(ବି.ପ୍ର.)

ନବରଙ୍ଗପୁର ପଞ୍ଚାୟତ ସମିତି ଅଧୀନ ବାସିନୀର ସମିତି ସଭ୍ୟ ମାନସ ରଞ୍ଜନ ଦାଶ ନିଜ ପଦ ଛାଡ଼ିବାକୁ ଏକ ତ୍ୟାଗପତ୍ର ବିଡିଓ ସୁକାନ୍ତ ପଟ୍ଟନାୟକଙ୍କୁ ପ୍ରଦାନ କରିଛନ୍ତି। ତାଙ୍କ ଇସ୍ତଫା ମଞ୍ଜୁର କରିବାକୁ ସେ ନିବେଦନ କରିଛନ୍ତି।

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବ୍ୟବସ୍ଥା ନିମ୍ନମାନର। ନିର୍ବାଚିତ ପ୍ରତିନିଧିଙ୍କ ଏଥିରେ କୌଣସି ଗୁରୁତ୍ୱ ନାହିଁ। ପ୍ରଶାସନିକ ଅଧିକାରୀମାନେ ନିଜ ଇଚ୍ଛାରେ ପଞ୍ଚାୟତର ପ୍ରତ୍ୟେକ ଯୋଜନାରେ ହସ୍ତକ୍ଷେପ କରନ୍ତି। ଏଠାରେ ପଲ୍ଲିସଭା ଓ ଗ୍ରାମସଭାକୁ ଗୁରୁତ୍ୱ ଦିଆଯାଏ ନାହିଁ ବୋଲି ମାନସ ଅଭିଯୋଗ କରିଛନ୍ତି। ପଲ୍ଲିସଭା ଓ ଗ୍ରାମସଭାରୁ ଆସିଥିବା ଯୋଜନା ଜିଲା ଯୋଜନା ବୋର୍ଡ ହେଉ କିମ୍ବା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ପରିବର୍ତ୍ତନ କରି ଦିଆଯାଉଛି। ସମିତି ସଭ୍ୟଙ୍କୁ କେବଳ ପଞ୍ଚାୟତ ସମିତି ବୈଠକ ନିମନ୍ତେ ଏକ ଚିଠି ଛଡ଼ା ଆଉ କୌଣସି ସମୟରେ ମନେପକାଯାଏ ନାହିଁ। ଅଗଷ୍ଟ ପନ୍ଦର ହେଉ କି ଜାନୁୟାରୀ ୨୬ ଗଣତନ୍ତ୍ର ମହାପର୍ବରେ କାର୍ଯ୍ୟାଳୟ ପ୍ରାଙ୍ଗଣରେ ପତାକା ଉତ୍ତୋଳନ ସମୟରେ ମଧ ସୂଚନା ଦିଆଯାଏ ନାହିଁ। ପଞ୍ଚାୟତ ସମିତି ବୈଠକରେ ଦିଆଯାଉଥିବା ମତାମତକୁ ଗ୍ରହଣ କରାଯାଏ ନାହିଁ। ଯଦି ଲୋକଙ୍କ ଆବଶ୍ୟକତାକୁ ଆମେ ପୂରଣ କରିପାରିବୁନାହିଁ ତେବେ ଏ ପଦବୀରେ ରହିବାର ଯଥାର୍ଥତା କିଛି ନାହିଁ ବୋଲି ମାନସ କ୍ଷୋଭର ସହ କହିଛନ୍ତି। ମୋ ତ୍ୟାଗପତ୍ରକୁ ସ୍ୱୀକାର କରି ସମିତି ସଭ୍ୟ ପଦବୀରୁ ଅବ୍ୟାହତି ଦିଅନ୍ତୁ ବୋଲି ସେ ନିବେଦନ କରିଛନ୍ତି।

# ସରକାରୀ କ୍ୱାର୍ଟର୍ସରେ ଲାଗିଛି ସୌଭାଗ୍ୟ ଯୋଜନା ବିଦ୍ୟୁତ୍

ନବରଙ୍ଗପୁର,୧୪।୯(ବି.ପ୍ର.)

- ଏସ୍‌ପିଙ୍କୁ ଅଭିଯୋଗ କରି ଦାବିପତ୍ର ଦେଲା ଭାଜପା
- ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ

ଦେଶର ପ୍ରତ୍ୟେକ ଗରିବଙ୍କ ଘରେ ବିଦ୍ୟୁତ୍ ସଂଯୋଗ ପାଇଁ କେନ୍ଦ୍ର ସରକାର ସୌଭାଗ୍ୟ ଯୋଜନା ପ୍ରଣୟନ କରିଛନ୍ତି। କିନ୍ତୁ ବିଭାଗର ଦୁର୍ନୀତିଗ୍ରସ୍ତ ଅଧିକାରୀମାନେ ଏହାକୁ ବାଟବଣା କରି ଗରିବଙ୍କ ବଦଳରେ ସରକାରୀ କର୍ମଚାରୀଙ୍କ ବାସଭବନରେ ବିଦ୍ୟୁତ୍ ସଂଯୋଗ କରୁଥିବା ନେଇ ଜିଲା ଭାଜପା ନବରଙ୍ଗପୁର ଏସ୍‌ପିଙ୍କୁ ଦାବିପତ୍ର ଦେଇଛି।

ଭାଜପା ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ଗୌତମ ସାମନ୍ତରାୟଙ୍କ ନେତୃତ୍ୱରେ ନବରଙ୍ଗପୁର ଜିଲା ଭାଜପା ସଭାପତି ଜଗଦିଶ ବିଷୋୟୀ, ରାଜ୍ୟ କାର୍ଯକାରିଣୀ ସଦସ୍ୟ ଗୌରୀ ମାଝି ଓ ଅନ୍ୟକର୍ମୀମାନେ ଅଭିଯୋଗ ନେଇ ନବରଙ୍ଗପୁର ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ କୌଣସି ଅଧିକାରୀ ଉପସ୍ଥିତ ନଥିବାରୁ ସ୍ଥାନୀୟ ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ଥିବା ସରକାରୀ କ୍ୱାର୍ଟର୍ସ ସବୁ ବୁଲି ଦେଖିଥିଲେ। ସେଠାରେ ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ଦିଆଯାଇଥିବା ଦେଖିଥିଲେ। ବିଦ୍ୟୁତ୍ ବିଭାଗ ଅଧିକାରୀ ଓ ପୋଲିସ କର୍ମଚାରୀମାନେ ଦୁର୍ନୀତି କରିଥିବା ନେଇ ସେମାନେ ଏକ ଦାବିପତ୍ର ନବରଙ୍ଗପୁର ଏସ୍‌ପିଙ୍କୁ ପ୍ରଦାନ କରିଛନ୍ତି। ଏଥିସହ ଯେଉଁମାନେ ଏହି ଦୁର୍ନୀତିରେ ଲିପ୍ତ ଅଛନ୍ତି, ସେମାନଙ୍କୁ ଚିହ୍ନଟ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଦଳ ଆନ୍ଦୋଳନ ଓ ରାସ୍ତାରୋକୋ କରିବ ବୋଲି ଜିଲା ସଭାପତି ଚେତାବନୀ ଦେଇଛନ୍ତି।



ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ଭାଜପା ନେତା ଏବଂ କର୍ମୀମାନେ।

## ଆଭାସୀ କବିତା ଆସର



ନବରଙ୍ଗପୁର,୧୪।୯(ବି.ପ୍ର.)

ଜିଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଆନୁକୂଲ୍ୟରେ ବନ ସୁରଭି ପ୍ରକାଶନର ଆଭାସୀ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ସଭାପତି ତଥା ପ୍ରତିଷ୍ଠାତା କବି ବଲ୍ଲଭ ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କବି ଜଗଦୀଶ ଚନ୍ଦ୍ର ତ୍ରିପାଠୀ ସଭାପତିତ୍ୱ କରିଥିଲେ। କବି ନାରାୟଣ ପଣ୍ଡା ମୁଖ୍ୟ ଅତିଥି, ଡ. ପ୍ରଦୀପ କୁମାର ଷଡ଼ଙ୍ଗୀ ମୁଖ୍ୟବକ୍ତା, କବୟିତ୍ରୀ ହେମଲତା ମାଝି, ସାହିତ୍ୟ ସଙ୍ଗଠକ ସୁବାସ ଚନ୍ଦ୍ର ମିଶ୍ର, କଣ୍ଠଶିଳ୍ପୀ ସୁରେଶ ମିଶ୍ର, ପ୍ରଭାତୀ ଦେବନାଥ, କବି ଜଗନ୍ନାଥ ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍‌ଲାଇନ କବିତା ଆସର ଯୋଗୁ କବି କୁଳ ପରସ୍ପର ସାରସ୍ୱତ ବନ୍ଧନରେ ବାନ୍ଧିହୋଇ ଜିଲାର ସାରସ୍ୱତ କ୍ଷେତ୍ରକୁ ଋଦ୍ଧିମନ୍ତ କରୁଛନ୍ତି ବୋଲି ଆଲୋଚନା ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ପୀତାମ୍ବର ବେହୁରିଆ, ସ୍ୱପ୍ନା ମହାନ୍ତି, ସ୍ୱର୍ଣ୍ଣଲତା ପଟ୍ଟନାୟକ, ଗୋପାଳକୃଷ୍ଣ ପାଣିଗ୍ରାହୀ, ଶ୍ରୀଧର ଶତପଥୀ, ତପନ ବିଶୋଇ, ସୁବାସ ଚନ୍ଦ୍ର ବିଶୋଇ, ଶେଖ ନାସିରୁଦ୍ଦିନ, ଗୌରୀ ବେହେରା, ନମିତା ଘଡ଼ାଇ, ଦୁର୍ଗାପ୍ରସାଦ ପ୍ରଧାନୀ, ସି.ଏଚ୍. ଉଷାରାଣୀ, ମଧୁସ୍ମିତା ମହାରଣା, ସଂଗ୍ରାମ ପରିଡ଼ା, ଲୋକେଶ ଜେନା ପ୍ରମୁଖ କବିତା ପାଠ କରିଥିଲେ।

# ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ, ପାଣି କାଦୁଅରେ ଲୋକେ ହନ୍ତସନ୍ତ



ସାଗରମୁଣ୍ଡା ଗାଁରେ ଜମି ରହିଥିବା ପାଣି।

ନନ୍ଦାହାଣ୍ଡି,୧୪।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଡଙ୍ଗରଭେଜା ପଞ୍ଚାୟତ ସାଗରମୁଣ୍ଡା ଗ୍ରାମରେ ରାସ୍ତାପାର୍ଶ୍ୱ ନାଳ ପୋତିହୋଇଯାଇଛି। ଫଳରେ ସାମାନ୍ୟ ବର୍ଷାରେ ମଧ ମୁଖ୍ୟ ରାସ୍ତାଟି ପାଣି କାଦୁଅରେ ଭରିଯାଉଛି। ରାସ୍ତାଟି ଅଣଓସାରିଆ ଏବଂ ଅଙ୍କାବଙ୍କା ହୋଇଥିବାରୁ ପାଣି କାଦୁଅ ଜମା ହେବା ପରେ ଯାତାୟାତରେ ଅସୁବିଧା ଏବଂ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଉକ୍ତ ରାସ୍ତାଟି ନନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟରୁ ମାତ୍ର ୩ କିଲୋମିଟର ଦୂରରେ ରହିଛି। ପ୍ରତିଦିନ ପଞ୍ଚାୟତ କାର୍ଯ୍ୟାଳୟର ବହୁ କର୍ମଚାରୀ ସେହି ରାସ୍ତା ଦେଇ ଯିବା ଆସିବା କରନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା ଏହି ସମସ୍ୟାର ସମାଧାନ ପାଇଁ କେହି ଚେଷ୍ଟା କରୁନାହାନ୍ତି। ସେହିଭଳି କିଛି ମାସ ତଳେ ଷାଠିଏ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟୟ ଅଟକଳରେ ଡଙ୍ଗରଭେଜା ପଞ୍ଚାୟତର ସରୁଗୁଡ଼ା ଗ୍ରାମର ଡ୍ରେନ ସଫା କରାଯାଇଥିବା ବେଳେ ଏବେ ସେଠାରେ ମଧ ଅନୁରୂପ ଅବସ୍ଥା ଦେଖିବାକୁ ମିଳୁଛି। ଡ୍ରେନ୍ ସଫା ଠିକ୍‌ରେ ହୋଇ ନ ଥିବା ନେଇ ଗ୍ରାମବାସୀ ଅସନ୍ତୁଷ୍ଟ ଥିବା ବେଳେ କାମ ଠିକ୍ ହୋଇଛି ବୋଲି ପଞ୍ଚାୟତ କର୍ତ୍ତୃପକ୍ଷ କହୁଛନ୍ତି। କିନ୍ତୁ ବର୍ତ୍ତମାନର ଅବସ୍ଥା ଦେଖିଲେ ଡ୍ରେନ୍ ସଫା କାର୍ଯ୍ୟ ଠିକ୍‌ରେ ହୋଇ ନ ଥିବା ପ୍ରମାଣିତ ହେଉଛି। ଏ ନେଇ ନନ୍ଦାହାଣ୍ଡି ବିଡିଓ ଶିବଶଙ୍କର ମୁର୍ମୁଙ୍କୁ ପଚାରିବାରୁ ଗ୍ରାମକୁ ଯାଇ ଏହି ସମସ୍ୟାର ସମାଧାନ ଅତି ଶୀଘ୍ର କରିବେ ବୋଲି ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ଗାଁ ସମସ୍ୟା ସମାଧାନ ନ ହେଲେ ଭୋଟ ବର୍ଜନ ଚେତାବନୀ

ଟିକିରି,୧୪।୯(ଡି.ଏନ୍.ଏ.)

**ମୌଳିକ ସୁବିଧାରୁ ବଞ୍ଚିତ ଘାଟିଗୁଡ଼ା ଗ୍ରାମବାସୀ**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଡଙ୍ଗାସିଲ ପଞ୍ଚାୟତର ଘାଟିଗୁଡ଼ା ଗାଁକୁ ମୌଳିକ ସୁବିଧା ଅପହଞ୍ଚ ହୋଇଛି। ରାସ୍ତାଘାଟ, ପାନୀୟ ଜଳ, ଶିକ୍ଷା, ମୋବାଇଲ ସେବା, ଆବାସ ଗୃହ, ସ୍ୱାସ୍ଥ୍ୟସେବା ଓ ଅଙ୍ଗନୱାଡି କେନ୍ଦ୍ର ସବୁକ୍ଷେତ୍ରରେ ଗାଁ ପଛୁଆ ରହିଛି। ଗ୍ରାମରେ ୩୦ରୁ ୩୫ ପରିବାର ବସବାସ କରୁଥିବାବେଳେ ସମସ୍ୟା ମଧ୍ୟରେ ଗ୍ରାମବାସୀ ଦିନ କାଟୁଥିବା ଜଣାପଡ଼ିଛି। ଡଙ୍ଗାସିଲ ସରପଞ୍ଚ ଲଗାତର ୪ଥର ନିର୍ବାଚିତ ହୋଇଥିଲେ ମଧ ଗ୍ରାମବାସୀଙ୍କ ନିକଟକୁ ମୌଳିକ ସୁବିଧା ପହଞ୍ଚାଇବାରେ ବିଫଳ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଘାଟିଗୁଡ଼ାରେ ଲୋକେ ଛପର ଏବଂ ଝାଟିମାଟି ଘରେ ପଲିଥିନ ଢାଙ୍କି ରହୁଥିବାବେଳେ ଆବାସ ଯୋଜନାରେ ଘରଟିଏ ପାଇନାହାନ୍ତି। ସେହିପରି ପାନୀୟ ଜଳ ପାଇଁ ପାହାଡ଼ର ଝରଣା ଉପରେ ନିର୍ଭର କରୁଛନ୍ତି। ଗାଁର ପିଲାମାନେ ପାଠ ପଢ଼ିବା ପାଇଁ ୪ କି.ମି. ବାଟ ଚାଲିଚାଲି ଖଟଲାଗୁଡ଼ା ପ୍ରାଥମିକ ବିଦ୍ୟାଳୟକୁ ଯାଉଛନ୍ତି। ହେଲେ ସରପଞ୍ଚ ଗାଁକୁ ଆସୁଥିଲେ ମଧ ସମସ୍ୟାର ସମାଧାନ ହେଉ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏଥିସହ ଗାଁର ସମସ୍ତ ସମସ୍ୟା ଶୀଘ୍ର ସମାଧାନ ପାଇଁ ଦାବି କରିଛନ୍ତି। ନଚେତ୍ ଆଗାମୀ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଗ୍ରାମବାସୀ କହିଛନ୍ତି।

# ମେଡିକାଲ କ୍ୟାମ୍ପସ୍‌ରେ ପଶିଲା ନାଳ ପାଣି

ମୁନିଗୁଡ଼ା, ୧୪।୯(ଡି.ଏନ୍.ଏ.)

**ଲଗାଣ ବର୍ଷାରେ ମୁନିଗୁଡ଼ା ବେହାଲ**

ରାୟଗଡା ଜିଲା ମୁନିଗୁଡା ବ୍ଲକରେ ତିନି ଦିନ ଧରି ବର୍ଷା ଲାଗି ରହିଛି। ବର୍ଷା ଫଳରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି। ଚାରିଆଡ ଜଳମୟ। ଖାଲୁଆ ବସ୍ତିରେ ରହୁଥିବା ଲୋକ ଏବେ ଜଳବନ୍ଦୀ। ମୁନିଗୁଡା-ଭବାନୀପାଟଣା ଓ ମୁନିଗୁଡା-ବାଲିଗୁଡା ମୁଖ୍ୟ ସଡ଼କର ଉଭୟ ପାର୍ଶ୍ୱ ଡ୍ରେନ୍ ଜାମ ହୋଇଯିବା କାରଣରୁ ଦୂଷିତ ପାଣି ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପଶିଯାଇଛି। ମୁନିଗୁଡା ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ମେଡ଼ିକାଲ ଅଫିସର ଡ.ସଞ୍ଜୟ କୁମାର ଏ ନେଇ ବ୍ଲକ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ମୁନିଗୁଡା ବ୍ଲକ ମୁଖ୍ୟ ଯନ୍ତ୍ରୀ ରାମଚନ୍ଦ୍ର ପ୍ରଧାନ, କନିଷ୍ଠ ଯନ୍ତ୍ରୀ ଭ୍ରମରବର କିଷାନ, ମୁନିଗୁଡା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ପାତ୍ର ଘଟଣା ସ୍ଥଳରେ ପହଞ୍ଚି ଡା.ସଞ୍ଜୟ କୁମାର, ବିପିଏମ ତପନ ପଣ୍ଡା, ସଂଯୁକ୍ତା ଗମାଙ୍ଗଙ୍କ ସହ ଆଲୋଚନା କରିଥିଲେ। ଡ୍ରେନକୁ ସଫା କରି ପାଣି ପାସ କରିବା ପାଇଁ ପଦକ୍ଷେପ ନିଆଯାଇଛି। ମୁନିଗୁଡା ସହରରେ ଡ୍ରେନେଜ ସମସ୍ୟା ଦୀର୍ଘ ଦିନର। ପ୍ରତିବର୍ଷ ବର୍ଷାରେ ଏଭଳି ସ୍ଥିତିଉପୁଜି ଥାଏ। ଡ୍ରେନେଜ ସୁବିଧା ପାଇଁ ପର୍ଯ୍ୟାପ୍ତ ଅର୍ଥ ନଥିବା ପଞ୍ଚାୟତ ପକ୍ଷରୁ ଜଣାଯାଏ।

# ବ୍ୟବସାୟିକ ପ୍ରତିଷ୍ଠାନର ଉନ୍ନତି ହେଲେ ମୁଣ୍ଡ ପିଛା ଆୟ ବଢ଼ିବ

ରାୟଗଡ଼ା ଅଫିସ, ୧୪।୯

ରାୟଗଡ଼ା ଆଞ୍ଚଳିକ ଶିଳ୍ପକେନ୍ଦ୍ର ପକ୍ଷରୁ ଥେରୁବାଲିସ୍ଥିତ ଇମ୍ଫା କାରଖାନା ସମ୍ମିଳନୀ କକ୍ଷରେ ଏକ କ୍ଷୁଦ୍ର, ମଧ୍ୟମ, ବୃହତ୍ ଶିଳ୍ପସ୍ତରୀୟ ସଂଯୋଗ ଓ ସମନ୍ୱୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।

ଏଥିରେ ରାୟଗଡ଼ା ଓ ଆଖପାଖ ଅଞ୍ଚଳର କ୍ଷୁଦ୍ର, ମଧ୍ୟମ ଶିଳ୍ପୋଦ୍ୟୋଗୀମାନେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକର ଉନ୍ନତି ହେଲେ ଲୋକଙ୍କର ମୁଣ୍ଡ ପିଛା ଆୟ ବଢିବା ସହିତ ବେରୋଜଗାରୀ ଦୂର ହୋଇପାରିବ, ଯାହାକି ଆଜିର ଯୁବଶକ୍ତି ପାଇଁ ନିତାନ୍ତ ଆବଶ୍ୟକ ବୋଲି ସେ କହିଛନ୍ତି।

ରାୟଗଡ଼ା ଶିଳ୍ପ ସମ୍ପ୍ରସାରଣ ଅଧିକାରୀ ସବ୍ୟସାଚୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଞ୍ଚଳିକ ଶିଳ୍ପକେନ୍ଦ୍ର ମହାପ୍ରବନ୍ଧକ ବିକାଶ ଚନ୍ଦ୍ର ବାଇନ ସମ୍ମିଳନୀଟିକୁ ସଂଯୋଜନା କରିଥିଲେ। ବୃହତ୍ ଓ କ୍ଷୁଦ୍ରଶିଳ୍ପ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ଆମେ ଅଙ୍ଗୀକାରବଦ୍ଧ ବୋଲି ସେ କହିଥିଲେ। କ୍ଷୁଦ୍ରଶିଳ୍ପ ପ୍ରତିନିଧିମାନେ ସମୟାନୁକ୍ରମେ କାରଖାନାକୁ ଆସି ବୃହତ୍ ଶିଳ୍ପର ଚାହିଦା ଏବଂ ଗୁଣାତ୍ମକ ବିଷୟରେ ବୁଝାବୁଝି କରି ସମନ୍ୱୟ ରକ୍ଷା କରିପାରିଲେ ସମସ୍ତଙ୍କର ଉନ୍ନତି ହେବ ବୋଲି ଇମ୍ଫାର ଉପସଭାପତି କେ. ଭେଙ୍କଟେଶ୍ୱର ରାଓ କହିଛନ୍ତି। ଉକ୍ତ ସମ୍ମିଳନୀରେ ଜିଲା କ୍ଷୁଦ୍ରଶିଳ୍ପ ସଂଘ ସଭାପତି ଏ.ଗୋବିନ୍ଦ ରାଓ, ଅଗ୍ରଣୀ ବ୍ୟାଙ୍କର ମୁଖ୍ୟ ପରିଚାଳକ ଧୀରେନ୍ଦ୍ର ବିହାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉପ ମହାପ୍ରବନ୍ଧକ (ବ୍ୟବସାୟିକ) ବିଭୂତିଭୂଷଣ ପଟ୍ଟନାୟକ, ଉପ ମହାପ୍ରବନ୍ଧକ (ମାନବ ସମ୍ବଳ ଓ ପ୍ରଶାସନ) କଲୋଳ କୁମାର ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ଶିଳ୍ପକେନ୍ଦ୍ରର ସୌମିତ୍ର ପଟ୍ଟନାୟକ, ଶିବଲାଲ୍ ସୋରେନ୍ ପ୍ରମୁଖ ଉପସ୍ଥିତ ଥିଲେ। ଶିଳ୍ପ ସମ୍ପ୍ରସାରଣ ଅଧିକାରୀ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ଉପସ୍ଥିତ ଅତିଥିମାନେ।

**ଇମ୍ଫାରେ ବୃହତ୍, କ୍ଷୁଦ୍ର ଶିଳ୍ପର ସଂଯୋଗ, ସମନ୍ୱୟ ସମ୍ମିଳନୀ**

## ସଂକ୍ଷେପରେ

### ଶ୍ରେଣୀଗୃହରୁ ଅଜଗର ଉଦ୍ଧାର



ମାଲକାନଗିରି,୧୪ା୯ (ଡି.ଏନ.ଏ.)- ମାଲକାନଗିରି ମହାବିଦ୍ୟାଳୟର ଇଂରାଜୀ ଅନର୍ସ କ୍ଲାସ ରୁମରେ ମଙ୍ଗଳବାର ଏକ ଅଜଗର ସାପ ଉଦ୍ଧାର ହୋଇଛି। ସକାଳେ ଛାତ୍ରୀ ଛାତ୍ରମାନେ କ୍ଲାସ କରିବା ପାଇଁ କ୍ଲାସ ରୁମକୁ ଯିବା ସମୟରେ ସାପଟି ବେଞ୍ଚରେ ଶୋଇଥିବା ଦେଖିବାକୁ ପାଇଥିଲେ। ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏନେଇ ତୁରନ୍ତ ସ୍ନେକ ହେଲ୍ପ ଲାଇନକୁ ଖବର ଦେଇଥିଲେ। ମାଲକାନଗିରି ଜିଲା ସ୍ନେକ ହେଲ୍ପ ଲାଇନର ସଦସ୍ୟ ସତ୍ୟଜିତ ଗୌଡ ଓ ତାଙ୍କ ଟିମ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। ସାପଟିକୁ ସହରର ଦୂରରେ ଥିବା ଜଙ୍ଗଲରେ ଛଡାଯିବ ବୋଲି ସତ୍ୟଜିତ କହିଛନ୍ତି।

### ଦାମନଯୋଡ଼ିରେ ରାଧାଷ୍ଟମୀ ପାଳିତ



ଦାମନଯୋଡ଼ି,୧୪ା୯(ଡି.ଏନ୍.ଏ.)- ଦାମନଯୋଡ଼ିର ବିଭିନ୍ନ ସ୍ଥାନରେ ଭାଦ୍ରବ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ଶ୍ରୀରାଧାଙ୍କ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। କୋଭିଡ୍ କଟକଣା ମଧ୍ୟରେ ବିଭିନ୍ନ ମନ୍ଦିରରେ ପୂଜକ ଓ ସୀମିତ ସେବାୟତଙ୍କୁ ନେଇ ନୀତି ପାଳିତ ହୋଇଛି। ସେକ୍ଟର-୧ ଜଗନ୍ନାଥ ମନ୍ଦିର, ସେକ୍ଟର-୩ ମନ୍ଦିର ଓ ମାଥାଲପୁଟ ରାଧାକୃଷ୍ଣ ମନ୍ଦିରରେ ସ୍ୱତନ୍ତ୍ର ପୂଜାନୀତି ହୋଇଛି। କୋଭିଡ୍ ନିୟମରେ ଶ୍ରଦ୍ଧାଳୁ ଠାକୁର ଦର୍ଶନ କରିଥିଲେ। ସେକ୍ଟର-୧ ଜଗନ୍ନାଥ ମନ୍ଦିରରେ ପୂଜକ ଅଜୟ ପଣ୍ଡା, ବିଜୟ ପଣ୍ଡା, ନୀଳାଚଳ ମହାପାତ୍ର, ଅମିୟ ସାମନ୍ତରାୟ,ପ୍ରଭାତ ରଥ ପୂଜାନୀତି କରିଥିଲେ। ସେକ୍ଟର-୩ରେ ପୂଜକ ଅଭିମନ୍ୟୁ ପଣ୍ଡା ଓ କୈଳାସ ଚନ୍ଦ୍ର ପଣ୍ଡା ପୂଜାନୀତି କରିଥିଲେ। ମାଥାଲପୁଟ ରାଧାକୃଷ୍ଣ ମନ୍ଦିରରେ ପୂଜକ ପ୍ରତାପ ପଣ୍ଡା ଓ ପ୍ରଣୟ ଦେଓ ପୂଜା କାର୍ଯ୍ୟ କରିଥିଲେ।

### ଜାଲରେ ପଡ଼ିଲା ୫୦ କେଜିର ସିଲ୍ଭର ରୋହି ମାଛ



ଜୟପୁର, ୧୪ା୯ (ନି.ପ୍ର.)- ଜୟପୁର ଜଗନ୍ନାଥ ସାଗରରୁ ମତ୍ସ୍ୟଜୀବୀମାନେ ମଙ୍ଗଳବାର ୫୦ କେଜିର ସିଲଭର ରୋହି ମାଛ ଧରିଛନ୍ତି। ସେମାନଙ୍କ ଜାଲରେ ଏହି ମାଛ ପଡିଥିଲା। ଜଗନ୍ନାଥ ସାଗରରେ ଅଧିକ ପାଣି ହେଲେ ଏହି ମାଛ ଜାଲରେ ପଡିଥାନ୍ତି। ମାଛର ବଜାର ମୂଲ୍ୟ ୧୦ ହଜାର ଟଙ୍କା ହେବ। ମାଛକୁ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା।

# ଅବକାରୀ ବିଭାଗ ବିରୋଧରେ ପ୍ରଜାମେଳି

କୋରୁକୋଣ୍ଡା, ୧୪ା୯(ଡି. ଏନ୍.ଏ.)



ଅବକାରୀ ବିଭାଗ ବିରୋଧରେ ଏକାଠି ହୋଇଥିବା ଅଞ୍ଚଳବାସୀ।

- ଗଞ୍ଜେଇ ଚାଷକୁ ପ୍ରୋତ୍ସାହନ ଦେଉଛି ବିଭାଗ
- ଗାଁରେ କମିଟି କରି ଟଙ୍କା ଆଦାୟ କରୁଥିଲା
- ଟଙ୍କା ନ ଦେଲେ ମିଛ କେସ୍‌ରେ ଲୋକଙ୍କୁ କରାଯାଉଛି ଗିରଫ

ମାଲକାନଗିରି ଜିଲା କରୁକୋଣ୍ଡା ବ୍ଲକ ନାକାମାମୁଡ଼ି ପଞ୍ଚାୟତବାସୀ ମଙ୍ଗଳବାର ଜିଲା ଅବକାରୀ ବିଭଗ ବିରୋଧରେ ଅଭିଯୋଗ ଆଣିଛନ୍ତି। ଜିଲା ଅବକାରୀ ବିଭାଗ ପୂର୍ବରୁ ମାଲକାନଗିରି ଜିଲାରେ ଗଞ୍ଜେଇ ଚାଷ ପାଇଁ ପ୍ରୋତ୍ସାହନ ଦେଉଥିଲା। ଗ୍ରାମବାସୀଙ୍କ ନିକଟରୁ ଗଞ୍ଜେଇ ଚାଷ ବାବଦକୁ ମୋଟା ଅଙ୍କର ଲାଞ୍ଚ ନେଉଥିଲା ବୋଲି ସେମାନେ ଅଭିଯୋଗରେ ପ୍ରକାଶ କରିଛନ୍ତି। ବିଭିନ୍ନ ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ବେଆଇନ ଭାବେ ଗୋଟିଏ ଲେଖାଏ କମିଟି କରି ପ୍ରତି କମିଟିଠାରୁ ବର୍ଷକୁ ୫୦ ହଜାରରୁ ୧ଲକ୍ଷ ଲେଖା ଟଙ୍କା ଆଦାୟ କରୁଥିଲା। ଚଳିତ ବର୍ଷ ଏହାର ପରିମାଣ ବଢିବାରୁ ଗ୍ରାମବାସୀ ଅଧିକ ଟଙ୍କା ଦେବାକୁ ମନା କରିଦେଇଥିଲେ। ଫଳରେ ସେମାନଙ୍କୁ ମିଛ କେସ୍‌ରେ ଗିରଫ କରାଯାଉଛି ବୋଲି ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଚଳିତ ମାସ ୮ ତାରିଖରେ ନାକାମାମୁଡ଼ି ଗ୍ରାମର ହରି ହନ୍ତାଳଙ୍କୁ ମିଛ କେସ୍‌ରେ ଅବକାରୀ ବିଭାଗ ଗିରଫ କରିଛି। ଦୁର୍ଗମ ଅଞ୍ଚଳରେ ରୋଜଗାରର ଅନ୍ୟ କୌଣସି ମାଧ୍ୟମ ନ ଥିବାରୁ ଅଞ୍ଚଳବାସୀ ଗଞ୍ଜେଇ ଚାଷ କରନ୍ତି। ଅମଳ ପରେ ସେମାନେ ଗଞ୍ଜେଇକୁ ଘରେ ରଖିଥାନ୍ତି। ସେମାନଙ୍କଠାରୁ ବାହାର ରାଜ୍ୟର ବ୍ୟବସାୟୀମାନେ ବିଭିନ୍ନ ଉପାୟରେ ବାହାରକୁ ଚାଲାଣ କରିଥାନ୍ତି। ପୂର୍ବରୁ ଅବକାରୀ ବିଭାଗ ଆମକୁ ଗଞ୍ଜେଇ ଚାଷ କରିବା ପାଇଁ ଟଙ୍କା ନେଇ ଅନୁମତି ଦେଉଥିଲେ। ଏବେ ଅଧିକ ଟଙ୍କା ଦେବାକୁ ମନା କରିବାରୁ ଆମକୁ ଗିରଫ କରୟାଉଛି ବୋଲି ଅଞ୍ଚଳର ମଦନ ଖିଲ, ଧନଞ୍ଜୟ ହନ୍ତାଳ, ଘେନୁ ମୁଦୁଲି ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ଅବକାରୀ ଅଧୀକ୍ଷକ ଅରୁଣ ପାଢୀଙ୍କୁ ପଚାରିବାରୁ ସେ କହିଲେଯେ, ହରି ହନ୍ତାଳଙ୍କ ଘରୁ ୨ କୁଇଣ୍ଟାଲ ୭୦ କେଜି ଗଞ୍ଜେଇ ଜବତ ହୋଇଛି। ଯେଉଁ ଅଧିକାରୀମାନେ ଗ୍ରାମରୁ ଟଙ୍କା ଆଦାୟ କରୁଥିଲେ ଏହାର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ।

# ଜୟପୁରରେ ହିନ୍ଦୀ ଦିବସ ପାଳିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଜୟପୁର, ୧୪ା୯ (ନି.ପ୍ର.)

ଜୟପୁର ସିଟି ହାଇସ୍କୁଲରେ ମଙ୍ଗଳବାର ହୀନ୍ଦି ଦିବସ ପାଳିତ ହୋଇଛି। ୨୦୧୩ରୁ ଏହି ହିନ୍ଦି ଦିବସ କାର୍ଯ୍ୟକ୍ରମରେ ଧୀରେନ ମୋହନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଶ୍ରୀନାଥ ପଟ୍ଟନୟକ, ମୁଖ୍ୟବକ୍ତା ରୂପେ ବୋରିଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ରଜତ ଷଡଙ୍ଗୀ, ସମ୍ମାନିତ ଅତିଥି ସୁଧାକର ପଟ୍ଟନୟକ, ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସିମାଞ୍ଚଳ ମିଶ୍ର, ସିଟି ହାଇସ୍କୁଲର ପ୍ରଧାନଶିକ୍ଷୟତ୍ରୀ ବି.ସୁଜାତା ଏବଂ ଉପସ୍ଥିତ ଥିଲେ। ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷୟତ୍ରୀ ଶଶିରେଖା ମିଶ୍ର ଏବଂ ବିରୁପାକ୍ଷ ମିଶ୍ର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। କବିତା ଆବୃତ୍ତିରେ ନବମ ଶ୍ରେଣୀର କେ. ସୁନିତା, ଦିବ୍ୟମୟୀ ଖାଡଙ୍ଗା ପ୍ରଥମ ଓ ଦ୍ୱିତୀୟ ହୋଇଥିବା ବେଳେ ପ୍ରବନ୍ଧ ଲିଖନରେ ୧୦ ଶ୍ରେଣୀର ଓମ ପ୍ରକାଶ ସାହୁ ପ୍ରଥମ ୯ମ ଶ୍ରେଣୀର କାଜଲ କୁମାରୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ମୁଖ୍ୟବକ୍ତା ଷଡଙ୍ଗୀ ଛାତ୍ରୀଛାତ୍ରଙ୍କୁ ହିନ୍ଦି ପରୀକ୍ଷା ପାଇଁ ଉତ୍ସାହିତ କରିଥିଲେ । ଦେଶର ଏକତା ବଜାୟ ରଖିବାରେ ହିନ୍ଦି ଭାଷାର ଅବଦାନ ସମ୍ପର୍କରେ ବୁଝାଇ ଥିଲେ ।

# ମାଟି କାଟି ବୋର୍ଡ ମାରି ଠିକାସଂସ୍ଥା ଉଭାନ

ନାରାୟଣପାଟଣା,୧୪ା୯(ଡି.ଏନ୍.ଏ.)



ନଦୀ ଭିତରେ ପଶି ଲୋକେ ଯାତାୟାତ କରୁଛନ୍ତି।

**ମାଙ୍କିଡ଼ି ଗ୍ରାମକୁ ରାସ୍ତା ନିର୍ମାଣ**

- ନଦୀ ପାରହୋଇ ପାହାଡ଼ ଚଢ଼ି ଗ୍ରାମକୁ ଯିବାକୁ ହୁଏ
- ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ୬୦ ପରିବାର
- ଅନ୍ୟ ଉପରେ ଦୋଷ ଲଦି ଖସିବାକୁ ବସିଛନ୍ତି ଅଧିକାରୀ

ଗ୍ରାମାଞ୍ଚଳର ବିକାଶ ପାଇଁ ସରକାର ବହୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଅଥଚ ସେହି ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚିପାରୁନାହିଁ। ଲୋକେ ଯେମିତି ସମସ୍ୟାରେ ଥିଲେ ସେମିତି ରହିଛନ୍ତି। କୋରାପୁଟ ଜିଲା ନାରାୟଣପାଟଣା ବ୍ଲକର ମାଙ୍କିଡି ଗ୍ରାମରେ ରାସ୍ତା ନିର୍ମାଣ ଅଧାରେ ରହିଛି। ଦାୟିତ୍ୱ ନେଇଥିବା ଠିକାଦାର କେବଳ ସାଇନବୋର୍ଡ ମାରି ଉଭାନ ହୋଇଯାଇଛନ୍ତି। ନାରାୟଣପାଟଣା ବ୍ଲକରୁ ୧୨ କି.ମି. ଗଲେ ପଡ଼େ ଏହି ଗ୍ରାମ। ଗ୍ରାମକୁ ଯିବାକୁ ହେଲେ ନଦୀ ପାରହୋଇ ଖାଲଖମା ରାସ୍ତାରେ ୫କି.ମି. ପାହାଡ଼ ଚଢ଼ି ଯିବାକୁ ହୁଏ। ଗ୍ରାମରେ ରହୁଛନ୍ତି ୬୦ ପରିବାରର ୨୦୦ ଲୋକ। ସେମାନଙ୍କ ପାଇଁ ମୌଳିକ ସୁବିଧା ସୁଯୋଗ ପାଇବା ସାତସପନ। ସ୍ୱାସ୍ଥ୍ୟସେବା, ଶିକ୍ଷା ସମେତ ସାମଗ୍ରୀ କିଣାବିକା ଲାଗି ଗ୍ରାମବାସୀ ନିର୍ଭର କରନ୍ତି ନାରାୟଣପାଟଣା ଉପରେ। ଏଠାକୁ ନଦୀ ପାରହୋଇ ଆସିଥାନ୍ତି। ଖରାଦିନେ ନଈ ଭିତରେ ଯାତାୟାତ କରନ୍ତି ମାତ୍ର ବର୍ଷାଦିନେ ହଇରାଣ ହେବାକୁ ପଡ଼େ ଗ୍ରାମବାସୀଙ୍କୁ। ଏହି ଯାତାୟାତ ସମସ୍ୟା ପାଇଁ ସେମାନେ ରାଶନ ମଧ୍ୟ ନେବାକୁ ଆସନ୍ତି ନାହିଁ ନାରାୟଣପାଟଣା। ବାରମ୍ବାର ପ୍ରଶାସନ ପାଖରେ ଅଭିଯୋଗ କଲା ପରେ ଗତବର୍ଷ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ଗ୍ରାମକୁ ରାସ୍ତା ନିର୍ମାଣ ଆରମ୍ଭ ହୋଇଥିଲା। ନଈ ଉପରେ ବ୍ରିଜ୍ ନିର୍ମାଣ କରି ରାସ୍ତା କରିବାକୁ ଯୋଜନା ହୋଇଥିଲା। ରବୀନ୍ଦ୍ର ନାରାୟଣ ଏଣ୍ଟରପ୍ରାଇଜେସ ନାମକ ଘରୋଇ ଠିକାସଂସ୍ଥା ଏହି ଦାୟିତ୍ୱ ନେଇଥିଲା। ଠିକାସଂସ୍ଥା ରାସ୍ତା ନିର୍ମାଣ ପାଇଁ ମେଶିନରେ ମାଟି କାଟି ରାସ୍ତାରେ ବୋର୍ଡ ଲଗାଇ ଉଭାନ ହୋଇଯାଇଛି। ଏନେଇ ଆର୍‌ଡିର ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ଅଧିକାରୀମାନେ ନିଜ ଉପରୁ ଦୋଷ ଖସାଇବାକୁ ଉଦ୍ୟମ କରୁଛନ୍ତି। ଦାୟିତ୍ୱ ନେଇଥିବା ସଂସ୍ଥାର ଜଣେ ଅଧିକାରୀଙ୍କୁ ପଚାରିବାରୁ ମତାମତ ଦେବା ଅଧିକାର ଆମର ନାହିଁ କହି ସେ ନୀରବ ରହିଥିଲେ। ଉଭୟ ଠିକାଦାର ଓ ସରକାରୀ କର୍ମଚାରୀ ମିଶି ଆମ ଗ୍ରାମ ରାସ୍ତା ନିର୍ମାଣ ପାଇଁ ଆସିଥିବା ଏହି ଅର୍ଥକୁ ହଡ଼ପ କରିନେବାକୁ ଯୋଜନା କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ମାଙ୍କିଡ଼ି ଗ୍ରାମବାସୀ।

### ଦୁଇ ବାଇକ୍ ମୁହାଁମୁହିଁ, ଜଣେ ମୃତ

କୋଡିଙ୍ଗା, ୧୪ା୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ବଣ୍ଟୁଗୁଡ଼ା ପଞ୍ଚାୟତ ଜବାଗୁଡ଼ା ଗ୍ରାମ ନିକଟରେ ଦୁର୍ଘଟଣା ଘଟିଛି। ଏଥିରେ ଟେମରା ଗାଁର ସଦାରାମ ଭତରା(୭୦)ଙ୍କର ମୃତ୍ୟୁ ଘଟିଛି। ସୂଚନାନୁଯାୟୀ, ସଦାରାମ ଓ ତାଙ୍କ ନାତି ବାଇକ୍‌ରେ ଘରକୁ ଫେରିବାବେଳେ ଜବାଗୁଡାଠାରେ ଟଙ୍କଧର ଭତରା(୩୫)ଙ୍କ ଗାଡି ସହ ଧକ୍କା ହୋଇଥିଲା। ସଦାରାମଙ୍କୁ କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣାରେ ଜଣେ ଗୁରୁତର ଅଛନ୍ତି। ତାଙ୍କୁ ଚିକିତ୍ସା ପାଇଁ କୋରାପୁଟ ପଠାଯାଇଛି ବୋଲି କୋଡିଙ୍ଗା ଥାନାଧିକାରୀ ସରିତା ମହାପାତ୍ର କହିଛନ୍ତି।

# ପୁଅର ଅବହେଳା ନେଇ ପ୍ରଶାସନର ଦ୍ୱାରସ୍ଥ ହେଲେ ମାଆ




ଜିଲା ସାମାଜିକ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀଙ୍କୁ ଅଭିଯୋଗପତ୍ର ଦେଉଛନ୍ତି ସବିତା।

ମାଲକାନଗିରି,୧୪ା୯(ଡି.ଏନ.ଏ.)

ବୟସର ଅପରାହ୍ନରେ ଆଖିକୁ ସଠିକ୍ ଭାବେ ଦେଖା ଯାଉନି କି ଚାଲିବାକୁ ଅଣ୍ଟାରେ ବଳ ନାହିଁ। ମୁଠେ ରାନ୍ଧି ଖାଇବା ପାଇଁ ଶରୀରରେ ଶକ୍ତି ନାହିଁ। ଏଭଳି ସମୟରେ ନିଜ ମାଆକୁ ପର କରିଦେବା ଭଳି ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲା କାଲିମେଳା ବ୍ଲକ ସଦର ମହକୁମାରେ। ଏଠାରେ ରହୁଥିବା ସବିତା ରାୟ(୬୩) ସ୍ୱାମୀ ଝିଅପୁଅଙ୍କୁ ନେଇ ସୁଖର ସଂସାର ଗଢିଥିଲେ। କୌଣସି କାରଣରୁ ସ୍ୱାମୀଙ୍କ ସହ ମତାନ୍ତର ହେବାରୁ ସେ ଝିଅପୁଅଙ୍କୁ ଧରି ନିଜ ଗ୍ରାମ କାଲିମେଳାକୁ ଚାଲି ଆସିଥିଲେ। କୁଲି ବୃତି କରି ପିଲାଙ୍କୁ ମଣିଷ କରିଥିଲେ। ଏବେ ଝିଅ ବିବାହ ପରେ ଦିଲ୍ଲୀରେ ରହୁଥିବା ବେଳେ ପୁଅ ନିହାର ସରକାର କନିଷ୍ଠ ଯନ୍ତ୍ରୀ ହୋଇ ମାଥିଲିରେ ରହୁଛନ୍ତି। ମାଆ ସବିତାଙ୍କ ବାଧକ୍ୟ ଅବସ୍ଥାରେ ପୁଅ ମାଆଙ୍କ ଦେଖାଶୁଣା କରୁନାହାନ୍ତି। ତାଙ୍କ ରହିବା, ଚଳିବା ପ୍ରତି ମଧ୍ୟ ଧ୍ୟାନ ଦେଉନାହାନ୍ତି ନିହାର। ଏନେଇ ମଙ୍ଗଳବାର ମାଆ ସବିତା ନିଜ ପୁଅ ନିହାରଙ୍କ ବିରୋଧରେ ଜିଲା ସାମାଜିକ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏକ ଦାବିପତ୍ର ଅଧିକାରୀଙ୍କ ମାଧ୍ୟମରେ ଉପ ଜିଲାପାଳଙ୍କୁ ଦେଇଛନ୍ତି।

### ଓପନ ଜିମ୍‌ରେ ସୀମିତ ଶିଶୁ ଉଦ୍ୟାନ



ଏମ୍‌ଭି ୭୯,୧୪ା୯(ଡି.ଏନ୍.ଏ.)–

ମାଲକାନଗିରି ଜିଲା କାଲିମେଳା ବ୍ଲକ୍ ଏମ୍‌ଭି-୭୯ ଠାରେ ୪୦ବର୍ଷ ତଳେ ଦଣ୍ଡକାରଣ୍ୟ ପ୍ରକଳ୍ପ ସମୟରେ ଏକ ଶିଶୁ ଉଦ୍ୟାନ ନିର୍ମିତ ହୋଇଥିଲା। ଅଞ୍ଚଳବାସୀଙ୍କ ଅବସର ବିନୋଦନ, ପ୍ରାତଃ ଭ୍ରମଣ ସହ ପିଲାଙ୍କ କ୍ରୀଡ଼ା ଉଦ୍ଦେଶ୍ୟରେ ସେସମୟରେ ପ୍ରତିଷ୍ଠା ହୋଇଥିବା ଏହି ଉଦ୍ୟାନ ଏବେ ରକ୍ଷଣାବେକ୍ଷଣ ଅଭାବରୁ ଏକ ପ୍ରକାର ଘଞ୍ଚ ଜଙ୍ଗଲରେ ପରିଣତ ହେବାକୁ ବସିଲାଣି। ଖରାଦିନେ ପାର୍କ ପରିସର ସଫା କରାଯିବା ସହ ଓପନ୍ ଜିମ୍‌ର ସରଞ୍ଜାମ ଲଗାଯାଇଥିଲା। ଏହା ଦେଖି ଅଞ୍ଚଳବାସୀ ପାର୍କର ପୁନରୁଦ୍ଧାର ହୋଇ ଆକର୍ଷଣୀୟ ରୂପେ ଗଢ଼ି ତୋଳାଯିବ ବୋଲି ଆଶା ରଖିଥିଲେ। ମାତ୍ର ତାହା ମଉଳିବାକୁ ବସିଲାଣି। ପାର୍କକୁ ଲାଗି ଏକ ବଡ଼ ପୋଖରୀ ରହିଛି। ଏଥିରେ ଲୋକମାନଙ୍କ ପାଇଁ ଯୋଗ ସ୍ଥାନ, ଶିଶୁଙ୍କ ପାଇଁ ବୋଟିଂ ପଏଣ୍ଟ, କ୍ରୀଡ଼ା ପାଇଁ ଫୁଟ୍‌ବଲ ପିଚ୍, ଚାଲିବା ପାଇଁ ପାଥ୍, ଶୌଚାଳୟ, ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କ ପାଇଁ ଏକ ପୁସ୍ତକାଳୟ ପ୍ରତିଷ୍ଠାକରି ପାର୍କ ପରିସରକୁ ଆଲୋକୀକରଣ କରାଗଲେ ଏହା ବେଶ୍ ଆକର୍ଷଣୀୟ ହୋଇପାରନ୍ତା ବୋଲି ଅଞ୍ଚଳବାସୀ ମତ ଦେଉଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଶ୍ମଶାନ ନାହିଁ, ନଦୀପଠାରେ ହେଉଛି ମୃତଦେହ ଦାହ

କୁନ୍ଦୁରା,୧୪ା୯(ଡି.ଏନ୍.ଏ.)



ନଦୀପଠାରେ ମୃତଦେହ ସତ୍କାର କରାଯାଉଛି।

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଲିମା ପଞ୍ଚାୟତର ଘିୟୁରିୟାଗୁଡ଼ା ଏବଂ କୁନ୍ଦୁରା ପଞ୍ଚାୟତର ସାଗରଗୁଡ଼ା ଗ୍ରାମବାସୀଙ୍କ ପାଇଁ ଶ୍ମଶାନ ଲାଗି ସ୍ଥାନ ନ ଥିବାରୁ ଗ୍ରାମବାସୀ ନଦୀପଠାରେ ମୃତଦେହ ସତ୍କାର କରୁଛନ୍ତି। ଏଥିପାଇଁ ଏହି ଦୁଇ ଗ୍ରାମର ଲୋକେ ବିଭିନ୍ନ ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିପଦସଙ୍କୁଳ ଅବସ୍ଥାରେ ନିକଟରେ ଥିବା ବିରି ନଦୀ ପଠାରେ ଏକ ଛୋଟିଆ ନାଳ ଉପରେ ବାଉଁଶବାଡ଼ କରି ଘିୟୁରିୟାଗୁଡ଼ା ଗ୍ରାମବାସୀ ମୃତଦେହ ସତ୍କାର କରୁଥିବା ଦେଖିବାକୁ ମିଳୁଛି। ସେହିପରି ସାଗରଗୁଡ଼ାବାସୀ ମଧ୍ୟ ସେମାନଙ୍କ ଶ୍ମଶାନ ନ ଥିବାରୁ ନିକଟସ୍ଥ କାଉଡ଼ିଆଗୁଡ଼ା ଶ୍ମଶାନ ଉପରେ ନିର୍ଭର କରୁଥିଲେ। ପୂର୍ବରୁ ସେମାନେ ଏଠାରେ ମୃତଦେହ ସତ୍କାର କରି ଆସୁଥିଲେ। ତେବେ ପଡ଼ୋଶୀ ଗ୍ରାମବାସୀ ସେମାନଙ୍କୁ ମୃତଦେହ ସତ୍କାର ପାଇଁ ଏବେ ମନା କରୁଛନ୍ତି। ଫଳରେ ସାଗରଗୁଡ଼ାବାସୀ ଚିନ୍ତାରେ ପଡ଼ିଛନ୍ତି। ଏହି ଦୁଇ ଗ୍ରାମବାସୀଙ୍କ ସୁବିଧା ପାଇଁ ଶ୍ମଶାନ କରିବାକୁ ଜାଗା ଯୋଗାଇଦେବାକୁ ପ୍ରଶାସନ ପଦକ୍ଷେପ ନେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତ ସପ୍ତାହରେ ଲିମା ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ସ୍ତ୍ରୀ ସଭାବତୀ ବିଶୋୟୀଙ୍କ ମୃତଦେହ ସତ୍କାର ନଦୀ ପଠାରେ କରାଯାଇଥିଲା। ତହସିଲଦାର ଏ ଦିଗରେ କିଛି ସରକାରୀ ଜାଗା ଚିହ୍ନଟକରି ଶ୍ମଶାନ ପାଇଁ ପ୍ରଦାନ କରିବାକୁ ଗ୍ରାମର ଭାସ୍କର ବିଶୋୟୀ,ସନାତନ ବିଶୋୟୀ ,ନାରାୟଣ ବିଶୋୟୀ ,ପ୍ରତାପ ଚନ୍ଦ୍ର ବିଶୋୟୀ, ଶିଶିର ଆଚାର୍ଯ୍ୟ, ଲକ୍ଷ୍ମଣ ସାନ୍ତା, ନାରାୟଣ ପରଜା, ସ୍ୱରୂପ ଦାସ, ବିଜୟ ଜାଲି, ବାଳକୃଷ୍ଣ ତ୍ରିପାଠୀ ପ୍ରମୁଖ ଅନୁରୋଧ କରିଛନ୍ତି। ଏନେଇ ତହସିଲଦାର ଆୟୁବ ମଣ୍ଡଳଙ୍କୁ ପଚାରିବାରୁ ସେ କହିଲେ, ଏ ସମ୍ପର୍କରେ ତାଙ୍କ ନିକଟରେ ଖବର ନ ଥିଲା। ଖୁବ୍‌ଶୀଘ୍ର ଗ୍ରାମବାସୀଙ୍କ ଶ୍ମଶାନ ପାଇଁ ଜାଗା ଚିହ୍ନଟ ଦିଗରେ ପଦକ୍ଷେପ ନେବେ।

# ଜାତୀୟ ପୋଷଣ ସୁରକ୍ଷା ଦିବସ




କାର୍ଯ୍ୟକ୍ରମରେ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନ କରାଯାଉଛି ।

ଜୟପୁର, ୧୪ା୯ (ନି.ପ୍ର.)

ଜୟପୁରସ୍ଥିତ ଏମ୍‌ଏସ୍ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଜାତୀୟ ପୋଷଣ ସୁରକ୍ଷା ଦିବସ ପାଳିତ ହୋଇଛି । ଆସନା ପଞ୍ଚାୟତର ଉଦଲଗୁଡା ଗ୍ରାମ ଅଙ୍ଗନବାଡି କେନ୍ଦ୍ର ଠାରେ ଗନ୍ଧିଗୁଡା, ବାମୁଣିପଦର, ଓ ଉଦଲଗୁଡା ଗ୍ରାମର ଗର୍ଭବତି ମହିଳା, ପ୍ରସୁତି ମହିଳା ଓ କିଶୋରି ବାଳିକାମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଙ୍ଗନୱାଡି କର୍ମୀ ନର୍ମିଦା ମାଝୀ, ଆଶାକର୍ମୀ ନବୀନା ମୁଦୁଲି ଉପସ୍ଥିତ ରହି ସନ୍ତୁଳିତ ଆହାରର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। କାଯ୍ୟକର୍ତ୍ତା ଅଜିତ ସାହୁ, ଖାଦ୍ୟରେ ପାଉଥିବା ବିଭିନ୍ନ ପ୍ରକାର ଖାଦ୍ୟସାର ଓ ଏହାର ଅଭାବରେ ହେଉଥିବା ରୋଗ ସମ୍ପର୍କରେ ଆଲୋଚନା କରିଥିଲେ। ରଞ୍ଜିତ ଦଳେଇ ଓ ରୀନା ପାଙ୍ଗ ପରିଚାଳନା କରିଥିଲେ।

# ବିଦ୍ୟାଳୟରେ ଶିକ୍ଷା ଗ୍ରହଣବେଳେ ସତର୍କତା ଅବଲମ୍ବନ ନେଇ ସଚେତନତା

ମାଲକାନଗିରି,୧୪ା୯(ଡି.ଏନ.ଏ.)



ଏକ ବିଦ୍ୟାଳୟରେ ସଂସ୍ଥା କର୍ମକର୍ତ୍ତା ଛାତ୍ରୀମାନଙ୍କୁ ସଚେତନ କରୁଛନ୍ତି।

କୋଭିଡ ସଂକ୍ରମଣ ଯୋଗୁ ରାଜ୍ୟରେ ଗତ ୨ ବର୍ଷ ଧରି ସମସ୍ତ ବିଦ୍ୟାଳୟ ମହାବିଦ୍ୟାଳୟ ବନ୍ଦ ରହିଥିଲା। ଫଳରେ ଛାତ୍ରୀଛାତ୍ରମାନେ ଅଫଲାଇନରେ ଶିକ୍ଷା ଗ୍ରହଣରୁ ବଞ୍ଚିତ ହୋଇଥିଲେ। କୋଭିଡ ସଂକ୍ରମଣ ହାର କମିବାରୁ ସରକାର ବିଦ୍ୟାଳୟ, ମହାବିଦ୍ୟାଳୟ ଖୋଲିଛନ୍ତି। ତେବେ ବିଦ୍ୟାଳୟରେ ଶିକ୍ଷା ଗ୍ରହଣ ବେଳେ କି ପ୍ରକାର ସତର୍କତା ଅବଲମ୍ବନ ଜରୁରୀ ସେନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟଗୁଡିକରେ କିପରି ଛାତ୍ରୀଛାତ୍ର ସୁରକ୍ଷିତ ରହି ଶିକ୍ଷା ଗ୍ରହଣ କରିବେ ସେନେଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏଫଇଏସ, ମୋଡ ଏବଂ ପରୋବର୍ତ୍ତନ ସଂସ୍ଥା ଛାତ୍ରୀଛାତ୍ରଙ୍କୁ ସଚେତନ କରିଛନ୍ତି। ସେମାନେ ମାଲକାନଗିରି ଜିଲା ବଣ୍ଡା , ଡିଡାଇ ଏବଂ ସ୍ୱାଭିମାନ ଅଞ୍ଚଳରେ ଛାତ୍ରୀଛାତ୍ର ଶିକ୍ଷୟତ୍ରୀ ଶିକ୍ଷକଙ୍କୁ ଶିକ୍ଷାଦାନ ପାଇଁ ଉତ୍ସାହିତ କରିଛନ୍ତି। ସେମାନଙ୍କୁ ମାସ୍କ, ସାନିଟାଇଜର ପ୍ରଦାନ କରିଛନ୍ତି। ପରୋବର୍ତ୍ତନର ସମ୍ପାଦକ ସନ୍ତୋଷ ଶୁକ୍ଳା ପରିଚାଳନା କରିଥିଲେ।

# ଖରାଦିନଠାରୁ ବଳିଗଲା ବର୍ଷାଦିନ ଜଳ ସମସ୍ୟା

ମାଲକାନଗିରି,୧୪ା୯ (ଡି.ଏନ.ଏ.)





ଗ୍ରାମବାସୀ ଚୁଆରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି।

- ଅଭିଯୋଗ ପରେ ମଧ ଶୁଣୁନି ପ୍ରଶାସନ
- ନଳକୂପ ସମ୍ମୁଖରେ ଦୀର୍ଘ ସମୟ ଅପେକ୍ଷା କରନ୍ତି ଗ୍ରାମବାସୀ
- ସବୁ କାମରେ ଚୁଆ ପାଣି ବ୍ୟବହାର କରୁଛୁ

ଜଳ ହିଁ ଜୀବନ। ସରକାର ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗଇ ଦେବାକୁ ଅନେକ ଯୋଜନା କରୁଛନ୍ତି। ବହୁ ଅର୍ଥ ମଧ୍ୟ ବ୍ୟୟ କରୁଛନ୍ତି। ମାତ୍ର କେତେକ କ୍ଷେତ୍ରରେ ପ୍ରଶାସନିକ ଅଧିକାରୀମାନଙ୍କ ଆନ୍ତରିକତାର ଅଭାବ ଯୋଗୁ ପାନୀୟ ଜଳ ପାଇଁ ହେଉଥିବା ଯୋଜନାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚିପାରୁନି। ଫଳରେ ଲୋକଙ୍କୁ ଜଳକଷ୍ଟ ଭୋଗିବାକୁ ପଡୁଛି। ଖରା ଦିନ ପରି ବର୍ଷା ଦିନେ ମଧ୍ୟ ମୁନ୍ଦେ ଜଳ ପାଇଁ ଲୋକେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏପରି ଦେଖିବାକୁ ମିଳିଛି ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ତଣ୍ଡିକି ପଞ୍ଚାୟତର କୁଷୁମୁଗୁଡା ଗ୍ରାମରେ। ୩୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା କୁଷୁମୁଗୁଡା ଗ୍ରାମରେ ଗ୍ରାମବାସୀ ପାଣି ପାଇଁ ଚୁଆ ଉପରେ ଭରସା କରନ୍ତି। ଖରା ଦିନ ପରି ବର୍ଷା ଦିନେ ମଧ୍ୟ ଲୋକେ ପାନୀୟ ଜଳ ପାଇଁ ଗ୍ରାମଠାରୁ କିଛି ଦୂରରେ ଥିବା ଏକ ଚୁଆ ଉପରେ ନିର୍ଭର କରନ୍ତି। ଗ୍ରାମର ପାଣି ସମସ୍ୟା ନେଇ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ପରେ ଗ୍ରାମରେ ଥିବା ଏକ କୂଅକୁ ନଳକୂପର ରୂପ ଦେଇ କର୍ମଚାରୀ ନୀରବ ରହିଥିଲେ। ଏହି ନଳକୂପରୁ ଠିକ ଭାବେ ପାଣି ବାହାରୁନି। ଅଳ୍ପ ପାଣି ବାହାରୁ ଥିବାରୁ ସେତକ ପାଇବା ଲାଗି ଲୋକେ ଘଣ୍ଟା ଘଣ୍ଟା ଧରି ନଳକୂପ ସମ୍ମୁଖରେ ଅପେକ୍ଷା କରନ୍ତି। କିଏ ପାଣି ପାଏ ତ କିଏ ପାଏନାହିଁ। ବାଧ ହୋଇ ଆମ ଗାଁ ଲୋକେ କିଛି ଦୂରରେ ଥିବା ଏକ ଚୁଆରୁ ପାଣି ସଂଗ୍ରହ କରି ଆଣନ୍ତି। ସେଥିରେ ଆମେ ଚଳୁଛୁ। ଲୁଗା ସଫା କରିବା, ଗାଧୋଇବାଠାରୁ ଆରମ୍ଭ କରି ରୋଷେଇ ପର୍ଯ୍ୟନ୍ତ ସବୁ କାମରେ ବ୍ୟବହାର କରୁଛୁ ବୋଲି କହନ୍ତି ଗ୍ରାମର ଆଇତା ଦୁରୁଆ, ଦେବା ଦୁରୁଆ, ମଙ୍ଗୁଲୁ ଦୁରୁଆ, ଈଶ୍ୱର ଦୁରୁଆ। ସେମାନେ ଗ୍ରାମରେ ଏକ ନଳକୂପ ଖନନ ପାଇଁ ଦାବି କରିଛନ୍ତ।

